PR No- 643
16.7.24

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗ୍ରିପୋଷି, ମୟୂରଭଞ୍ଜ

## ଇସ୍ତାହାର

*ମିସ କେଶ ନମ୍ବର-୦୨/୨୦୨୪*

**(ସରକାରୀ ଜମିର ମନ୍ତବ୍ୟ ଖାନାର ଦଖଲ ନୋଟ ଉଚ୍ଛେଦ ସମନ୍ଧେ)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବର୍ଣତ ଜମିକୁ **ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗ, ଓଡିଶା ସରକାରଙ୍କୁ ସାତଭାୟା ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ** ନିମନ୍ତେ ଯୋଗାଇ ଦେବାର ପ୍ରସ୍ତାବ ଆଗତ ହୋଇଅଛି । ଯେ ହେତୁ ଉକ୍ତ ଜମିର ମନ୍ତବ୍ୟ ଖାନାରେ " **ଜବାନମାନଙ୍କ ପାଇଁ ସଂରକ୍ଷିତ**" ଉଲ୍ଲେଖ ଅଛି, ତାର ଦଖଲ ନୋଟ ଉଚ୍ଛେଦର ଆବଶ୍ୟକ ହେଉଅଛି ।

ଏଣୁ ନିମ୍ନ ପ୍ଲଟର ମନ୍ତବ୍ୟ ଖାନାର ଦଖଲ ନୋଟ ଉଚ୍ଛେଦରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ, ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯାଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ**

ମୌଜା :- **ସାତଭାୟା** ଥାନା :- ବାଙ୍ଗ୍ରିପୋଷି ଥାନା ନମ୍ବର:- ୨୨୧: -

| ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ ଖାନାର ଦଖଲ ନୋଟ |
|---|---|---|---|---|
| **୫୫ (ଆବାଦ ଯୋଗ୍ୟ ଅନାବାଦୀ)** | ୪୮୧ | ଏ ୦.୫୮ | ପତିତ | **ଜବାନମାନଙ୍କ ପାଇଁ ସଂରକ୍ଷିତ** |

16/7/24

ତହସିଲଦାର, ବାଙ୍ଗ୍ରିପୋଷି
Tahasildar
Bangriposi, Mayurbhanj

ଏହାର ଏକକିତା ନକଲ **ସାତଭାୟା** ମୌଜାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରକାଶ କରିବାକୁ ପଠାଗଲା ।

ଏହାର ଏକକିତା **ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବଣକାଟୀ**/ରାଜସ୍ୱ ନିରୀକ୍ଷକ, **ବାଙ୍ଗ୍ରିପୋଷିଙ୍କ** କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦି ଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ **ବାଙ୍ଗ୍ରିପୋଷି** ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ତହସିଲଦାର, ବାଙ୍ଗ୍ରିପୋଷି
Tahasildar
Bangriposi, Mayurbhanj